# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 27 March - 2024

### News Editor : Tapan Kumar Maharana

*********************************

## ମୁଖ୍ୟ ସମ୍ବାଦ

- ଲୋକସଭା ଏବଂ ବିଧାନସଭା ଆସନ ଲାଗି ବିଜୁ ଜନତା ଦଳ ପକ୍ଷରୁ ପ୍ରକାଶ ପାଇଲା ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା
- ପୁରୀ ଶ୍ରୀମନ୍ଦିରରେ ଆଜି ସନ୍ଧ୍ୟାରେ ଶ୍ରୀଜୀଉମାନଙ୍କର ବନକଲାଗି ନୀତି ଅନୁଷ୍ଠିତ ହେବ
- ଶାନ୍ତି ଓ ସଂସ୍କୃତି ବିଷୟରେ ଲୋକମାନଙ୍କୁ ନାଟ୍ୟ ମାଧ୍ୟମରେ ସଚେତନ କରାଇବା ବାର୍ତ୍ତା ନେଇ ଆଜି ପାଳିତ ହେଉଛି ବିଶ୍ୱ ନାଟ୍ୟ ଦିବସ

ଏବଂ

- ମେଘମୁକ୍ତ ଆକାଶ ରହିବାରୁ ଆଜିଠାରୁ ଉପକୂଳ, ପଶ୍ଚିମ ଏବଂ ଆଭ୍ୟନ୍ତରୀଣ ସ୍ଥାନରେ ବୃଦ୍ଧି ପାଇବ ତାପମାତ୍ରା

*Desk*

## ବିଜେଡି ପ୍ରଥମ ପ୍ରାର୍ଥୀ ତାଲିକା

ବିଜୁ ଜନତା ଦଳ ପକ୍ଷରୁ ଆଜି ଲୋକସଭା ଓ ବିଧାନସଭା ଆସନ ଲାଗି ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଘୋଷଣା କରାଯାଇଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ସମ୍ବଲପୁର ଲୋକସଭା ଆସନରୁ ପ୍ରଣବ ପ୍ରକାଶ ଦାସ, କେନ୍ଦ୍ରାପଡ଼ାରୁ ଅଂଶୁମାନ ମହାନ୍ତି, ଭୁବନେଶ୍ୱରରୁ ମନ୍ମଥ ରାଉତରାୟ, ସୁନ୍ଦରଗଡ଼ରୁ ଦିଲ୍ଲୀପ ତିର୍କୀ, କଳାହାଣ୍ଡିରୁ ଲମ୍ବୋଦର ନିଆଲ, ନବରଙ୍ଗପୁରରୁ ପ୍ରଦୀପ ମାଝୀ, ମୟୁରଭଞ୍ଜରୁ ସୁଦାମ ମାରାଣ୍ଡି, କୋରାପୁଟରୁ କୌଶଲ୍ୟା ହିକ୍କା, ଆସିକାରୁ ରଞ୍ଜିତା ସାହୁ ବିଜୁ ଜନତା ଦଳର ପ୍ରାର୍ଥୀ ହେବେ । ସୂଚନାଯୋଗ୍ୟ, ଭୁବନେଶ୍ୱର ଲୋକସଭା ପ୍ରାର୍ଥୀ ମନ୍ମଥ ରାଉତରାୟ ଆଜି ବିଜୁ ଜନତା ଦଳରେ ଯୋଗ ଦେଇଥିଲେ । ସେହିଭଳି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ଘୋଷଣା କରିଥିବା ବିଧାନସଭା ପ୍ରାର୍ଥୀଙ୍କ ମଧ୍ୟରେ କେତେ ଜଣ ବର୍ତ୍ତମାନ ସରକାରଙ୍କର ଥିବା ମନ୍ତ୍ରୀ ଆସନ୍ତା ନିର୍ବାଚନରେ ଲଢ଼ିବା ପାଇଁ ଦଳ ପକ୍ଷରୁ ନାମ ଘୋଷଣା କରାଯାଇଛି । ଆସନ୍ତାକାଲି ଦ୍ୱିତୀୟ ପର୍ଯ୍ୟାୟ ତାଲିକା ପ୍ରକାଶ ପାଇବ ।

*Deogarh*

## ଦେବଗଡ଼ ନିର୍ବାଚନ ମଣ୍ଡଳୀ

ଦେବଗଡ଼ ଜିଲ୍ଲାରେ ସାଧାରଣ ନିର୍ବାଚନର ଷଷ୍ଠ ପର୍ଯ୍ୟାୟରେ ଆସନ୍ତା ମେ’ ୨୫ ତାରିଖରେ ଭୋଟ୍‌ଗ୍ରହଣ ହେବ । ଏଥିପାଇଁ ଜିଲ୍ଲାରେ ମୋଟ୍

୩୩୮ଟି ମତଦାନ କେନ୍ଦ୍ର କରାଯାଇଛି।  ଜିଲ୍ଲାର ମୋଟ ମତଦାତାଙ୍କ ସଂଖ୍ୟା ୨ ଲକ୍ଷ ୫୦ ହଜାର ୨୨୨ଙ୍କ ମଧ୍ୟରୁ ପୁରୁଷ ଭୋଟରଙ୍କ ସଂଖ୍ୟା ୧ ଲକ୍ଷ ୨୫ ହଜାର ୩୨ ଏବଂ ମହିଳା ଭୋଟରଙ୍କ ସଂଖ୍ୟା ୧ ଲକ୍ଷ ୨୫ ହଜାର ୧୭୩। ଜିଲ୍ଲା ନିର୍ବାଚନ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ଜିଲ୍ଲାରେ ୧୭ ଜଣ ତୃତୀୟଲିଙ୍ଗୀ ଭୋଟର୍ ଅଛନ୍ତି।

ନିର୍ବାଚନ ସମ୍ପର୍କରେ ସାଧାରଣ ଲୋକଙ୍କ ଅଭିଯୋଗ ଆସିଲେ ୧୦୦ ମିନିଟ୍ ମଧ୍ୟରେ ଏହାର ସମାଧାନ କରାଯିବ ବୋଲି ଜିଲ୍ଲା ନିର୍ବାଚନ କର୍ତ୍ତୃପକ୍ଷ କହିଛନ୍ତି।  ନିର୍ବାଚନର ସୁପରିଚାଳନା ପାଇଁ ପୋଲିଂ ଅଧିକାରୀ ଓ କର୍ମଚାରୀମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। ଏ ସମ୍ପର୍କରେ ଆମ ଦେବଗଡ଼ ସମ୍ବାଦଦାତାଙ୍କ ରିପୋର୍ଟ :

***Voice***..........

***Puri/R***

# ବନକଲାଗି

ପୁରୀ ଶ୍ରୀମନ୍ଦିରରେ ଚୈତ୍ର କୃଷ୍ଣ ଦ୍ୱିତୀୟା ତିଥିରେ ଆଜି ଶ୍ରୀଜିଉଙ୍କର ବନକଲାଗି ନୀତି ଅନୁଷ୍ଠିତ ହେବ । ଦ୍ୱିତୀୟ ଭୋଗମଣ୍ଡପ ଭୋଗ ଶେଷ ହେବାପରେ ସନ୍ଧ୍ୟା ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ଶ୍ରୀଜୀଉମାନଙ୍କ ଶ୍ରୀମୁଖ ଶୃଙ୍ଗାର ତଥା ବନକଲାଗି ଏକ ଗୁପ୍ତ ନୀତି ହୋଇଥିବାରୁ ଏହି ନୀତି ସମୟରେ ଗର୍ଭଗୃହର ସମସ୍ତ ଦ୍ୱାର ବନ୍ଦ ରହିବ। ଦ୍ୱିତୀୟ ଭୋଗମଣ୍ଡପ ପରେ ଦତ୍ତମହାପାତ୍ର ସେବକମାନେ

ଗର୍ଭଗୃହରେ ପ୍ରବେଶ କରିବେ। ଏହାପରେ ବନକଲାଗି ଗୁପ୍ତ ନୀତି ସମାପନ ହେବ । ବନକଲାଗି ପରେ ମହାପ୍ରଭୁଙ୍କ ମହାସ୍ନାନ ନୀତି ଅନୁଷ୍ଠିତ ହେବ । ମହାସ୍ନାନ ପରେ ଶ୍ରଦ୍ଧାଳୁମାନେ ପୁଣି ଶ୍ରୀବିଗ୍ରହମାନଙ୍କ ଦର୍ଶନ କରିପାରିବେ ।

***Desk***

## ସ୍ୱାମୀ ସ୍ମରଣାନନ୍ଦଜୀ ମହାରାଜଙ୍କ ଶୋକପ୍ରକାଶ

ରାମକୃଷ୍ଣ ମିଶନର ଅଧ୍ୟକ୍ଷ ସ୍ୱାମୀ ସ୍ମରଣାନନ୍ଦଜୀ ମହାରାଜଙ୍କର ୯୫ ବର୍ଷ ବୟସରେ ପରଲୋକ ଘଟିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସମେତ ଅନ୍ୟ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବିୟୋଗରେ ଶୋକପ୍ରକାଶ କରିଛନ୍ତି।

ରାଜ୍ୟପାଳ ରଘୁବର ଦାସ ସ୍ୱାମୀ ସ୍ମରଣାନନ୍ଦଙ୍କ ବିୟୋଗରେ ଶୋକପ୍ରକାଶ କରିବା ସହ ଆଧ୍ୟାତ୍ମିକ ଜଗତ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି କହିଛନ୍ତି।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ୱାମୀ ସ୍ମରଣାନନ୍ଦଙ୍କ ବିୟେଗାରେ ଦୁଃଖପ୍ରକାଶ କରିବା ସହ ସାମାଜିକ କଲ୍ୟାଣକୁ ପ୍ରୋତ୍ସାହିତ କରିବା ପାଇଁ ତାଙ୍କର ଶିକ୍ଷା ଓ ବାର୍ତ୍ତା ସମସ୍ତଙ୍କୁ ମାର୍ଗଦର୍ଶନ କରିବ ବୋଲି କହିଛନ୍ତି।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ’ ସ୍ୱାମୀ ସ୍ମରଣାନନ୍ଦଜୀ ମହାରାଜଙ୍କ ପରଲୋକ ସମାଜ ବିଶେଷ କରି ଆଧ୍ୟାତ୍ମିକ ଜଗତ ପାଇଁ ଏକ ଅପୂରଣୀୟ

କ୍ଷତି ବୋଲି କହିଛନ୍ତି। ତାଙ୍କର ଆଧ୍ୟାତ୍ମିକ ଶିକ୍ଷା ସମଗ୍ର ବିଶ୍ୱବାସୀଙ୍କ ପାଇଁ ଏକ ମାର୍ଗଦର୍ଶକ ହୋଇ ରହିବ ବୋଲି ସେ କହିଛନ୍ତି।

***Desk***

## ଶାନ୍ତି ବଜାୟ ପାଇଁ ଜିଲ୍ଲାପାଳଙ୍କ ଅପିଲ୍

ସମ୍ବଲପୁର ସହରରେ ଗତକାଲି ସନ୍ଧ୍ୟାରେ ଘଟିଥିବା ଅପ୍ରୀତିକର ଘଟଣାକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ଅଗ୍ରୱାଲ ଅକ୍ଷୟ ସୁନୀଲ ଜିଲ୍ଲାବାସୀଙ୍କୁ ଶାନ୍ତି ବଜାୟ ରଖିବା ପାଇଁ ଅନୁରୋଧ କରିଛନ୍ତି। ସହରରେ ଆଇନଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣାଧୀନ ରହିଛି ଏବଂ କୌଣସି ଅପ୍ରୀତିକର ଘଟଣା ଘଟିନାହିଁ ବୋଲି ଜିଲ୍ଲାପାଳ କହିଛନ୍ତି। ସାମାଜିକ ଗଣମାଧ୍ୟମରେ ପ୍ରସାରିତ ମିଥ୍ୟା ଖବର ଏବଂ ଗୁଜବକୁ ବିଶ୍ୱାସ ନ କରିବା ପାଇଁ ସହରବାସୀଙ୍କୁ ଜିଲ୍ଲାପାଳ ଅନୁରୋଧ କରିଛନ୍ତି। ପରେ ଉତ୍ତରାଞ୍ଚଳ ଆର୍.ଡି.ସି. ଶ୍ରୀକାନ୍ତ ପୃଷ୍ଟି, ଜିଲ୍ଲାପାଳ, ଉତ୍ତରାଞ୍ଚଳ ଆଇ.ଜି. ହିମାଂଶୁ ଲାଲ, ସମ୍ବଲପୁର ଏସ୍.ପି. ମୁକେଶ ଭାମୁ ଘଟଣାସ୍ଥଳରେ ପହଁଞ୍ଚି ସ୍ଥିତିର ଅନୁଧ୍ୟାନ କରିଛନ୍ତି।

***HS***

## ବିଶ୍ୱ ନାଟ୍ୟ ଦିବସ

ନାଟକର ମୂଲ୍ୟ ଏବଂ ସମାଜରେ ତା'ର ପ୍ରଭାବକୁ ଉଜ୍ଜୀବିତ କରିବା ନେଇ ଆଜି ବିଶ୍ୱ ନାଟ୍ୟ ଦିବସ ପାଳନ କରାଯାଉଛି । ଆନ୍ତର୍ଜାତିକ ଥିଏଟର୍ ପ୍ରତିଷ୍ଠାନ ପକ୍ଷରୁ ୧୯୬୧ ମସିହାରୁ ଏହି ଦିବସ ପାଳନ

କରାଯାଇଆସୁଛି । ଶାନ୍ତି ଏବଂ ସଂସ୍କୃତି ବିଷୟରେ ଲୋକଙ୍କୁ ସଚେତନ କରାଇବାର ବାର୍ତ୍ତା ନେଇ ବିଶ୍ୱ ନାଟ୍ୟ ଦିବସ ପାଳନ କରାଯାଇଥାଏ ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଆ ନାଟକ ଜଗତକୁ ସମୃଦ୍ଧ କରିଥିବା ମହାପୁରୁଷଙ୍କ ପ୍ରତି ସମ୍ମାନ ଓ ଶୁଭେଚ୍ଛା ଜଣାଇବା ସହ ଉତ୍କୃଷ୍ଟ କଳାର ରାଜ୍ୟ ଓଡ଼ିଶାରେ କଳା ଓ ସଂସ୍କୃତିର ପ୍ରସାରରେ ନାଟକର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କହିଛନ୍ତି ।

ବିଶ୍ୱ ନାଟ୍ୟ ଦିବସ ଅବସରରେ ରାଜ୍ୟର ବିଭିନ୍ନ ସ୍ଥାନରେ ନାଟ୍ୟାନୁଷ୍ଠାନ ପକ୍ଷରୁ ଆଲୋଚନାଚକ୍ର, ନାଟକ ପରିବେଷଣ ଏବଂ ନାଟ୍ୟକାର ସମ୍ମାନ ସମାରୋହର ଆୟୋଜନ କରାଯାଉଛି ।

***Desk***

## ଏନ୍.ଟି.ଏ. - ସ୍ନାତକ ପରୀକ୍ଷା

କେନ୍ଦ୍ରୀୟ ଶିକ୍ଷାନୁଷ୍ଠାନଗୁଡ଼ିକରେ ସ୍ନାତକ ପାଠ୍ୟକ୍ରମ ଲାଗି ଏନ୍.ଟି.ଏ. ପକ୍ଷରୁ ଆବେଦନ ସମୟ ଚଳିତ ମାସ ୩୧ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ଆବେଦନର ଗତକାଲି ଶେଷଦିନ ଥିଲା । ଆସନ୍ତା ଏପ୍ରିଲ୍ ମାସ ୨ରୁ ୩ ତାରିଖ ମଧ୍ୟରେ ଆବେଦନ ଫର୍ମ ସଂଶୋଧନ କରାଯାଇପାରିବ । ସୂଚନାଯୋଗ୍ୟ, ଏନ୍.ଟି.ଏ. ପକ୍ଷରୁ ଚଳିତ ବର୍ଷ ସ୍ନାତକ ପରୀକ୍ଷା ପାଇଁ ଦେଶର ୩୮୦ଟି ପରୀକ୍ଷା କେନ୍ଦ୍ର ଏବଂ ଦେଶ ବାହାରେ ୨୬ଟି ପରୀକ୍ଷା କେନ୍ଦ୍ର କରାଯାଇଛି ।

*Balangir/Koraput*

# ଦୁର୍ଘଟଣା

ବଲାଙ୍ଗୀର ଖୋର୍ଦ୍ଧା ୫୭ ନମ୍ବର୍ ଜାତୀୟ ରାଜପଥ ଭଦ୍ରାପାଲି ଟୋଲଗେଟ ନିକଟରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୨ ଜଣଙ୍କର ମୃତ୍ୟୁ ଘଟିଛି। ଦୁଇଜଣ ଯୁବକ ସୋନପୁରରୁ ଏକ ବାଇକ୍‌ରେ ବଲାଙ୍ଗୀର ଆସୁଥିବା ବେଳେ ଏକ ବସ୍ ସହିତ ଧକ୍କା ହେବାରୁ ଦୁର୍ଘଟଣା ଘଟିଥିଲା। ପୁଇନ୍ତଲା ପୋଲିସ୍ ଘଟଣା ସ୍ଥଳରେ ତଦନ୍ତ ଆରମ୍ଭ କରିଛି।

ଅନ୍ୟ ଏକ ଦୁର୍ଘଟଣାରେ କୋରାପୁଟ-ରାୟଗଡ଼ା ରାଜପଥରେ ଏକ ଯାତ୍ରୀବାହୀ ବସ୍ ଦୁର୍ଘଟଣା ଗ୍ରସ୍ତ ହେବାରୁ ଘଟଣାସ୍ଥଳରେ ଜଣଙ୍କର ମୃତ୍ୟୁ ହୋଇଥିବା ସହିତ ୧୩ ଜଣ ଆହତ ହୋଇଛନ୍ତି ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି।

*Desk*

# ପାଣିପାଗ

ଆକାଶ ମେଘମୁକ୍ତ ଥିବାରୁ ପାଗ ଶୁଖିଲା ରହିବା ସହିତ ତାପମାତ୍ରା ବୃଦ୍ଧି ପାଉଛି । ବିଶେଷକରି ଉପକୂଳ ଅଞ୍ଚଳ ଏବଂ ଆଭ୍ୟନ୍ତରୀଣ ସ୍ଥାନଗୁଡ଼ିକରେ ତାପମାତ୍ରା ଆଜିଠାରୁ ବୃଦ୍ଧି ପାଇବ ବୋଲି ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି । ପଶ୍ଚିମ ଓଡ଼ିଶାର ବିଭିନ୍ନ ସ୍ଥାନରେ ତାପମାତ୍ରା ୪୦ ଡିଗ୍ରୀରୁ ଅତିକ୍ରମ କରିବ ଏବଂ ସ୍ୱାଭାବିକଠାରୁ ୩ରୁ ୫ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ବୃଦ୍ଧି ପାଇବ ।

*GNR*

# ନିର୍ବାଚନ କମିଶନ୍ - ନିର୍ଦ୍ଦେଶନାମା

ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ସମସ୍ତ ରାଜ୍ୟ ତଥା କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ନିର୍ବାଚନ ଆୟୋଗ ପରାମର୍ଶ ଦେଇଛନ୍ତି। ଚଳିତ ମାସରୁ ଜୁନ୍ ମାସ ମଧ୍ୟରେ ତାପମାତ୍ରା ବୃଦ୍ଧି ପାଇବା ନେଇ ଭାରତୀୟ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ଏହାକୁ ଦୃଷ୍ଟିରେ ରଖି ନିର୍ବାଚନ ଆୟୋଗ ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶନାମା ଜାରି କରିଛନ୍ତି । ମଧ୍ୟାହ୍ନ ୧୨ଟାରୁ ଅପରାହ୍ଣ ୩ଟା ପର୍ଯ୍ୟନ୍ତ ବାହାରକୁ ନ ବାହାରିବାପାଇଁ ଏହି ନିର୍ଦ୍ଦେଶନାମାରେ ଉଲ୍ଲେଖ କରାଯାଇଛି । ଏଥିସହ ଲୋକମାନେ ପର୍ଯ୍ୟାପ୍ତ ପରିମାଣର ପାଣି ପିଇବା ସହ ବାସି ଖାଦ୍ୟ ନ ଖାଇବାପାଇଁ ପରାମର୍ଶ ଦିଆଯାଇଛି । ସମସ୍ତ ଭୋଟ୍ଗ୍ରହଣ କେନ୍ଦ୍ରରେ ପାନୀୟ ଜଳ ସହ ଛାୟା ପ୍ରଦାନ କରିବାର ବ୍ୟବସ୍ଥା କରିବାକୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ସମସ୍ତ ନିର୍ବାଚନ ଅଧିକାରୀଙ୍କୁ ନିର୍ଦ୍ଦେଶ ଜାରି କରାଯାଇଛି ।

******************************